## ସଂକ୍ଷେପରେ

### ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ


ନୂତନ ଅଧ୍ୟକ୍ଷ ଶିଶିର କୁମାର ଦାଶ।

ଢେଙ୍କାନାଳ,୪।୯(ରତନ ନାୟାର)

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଶିଶିର କୁମାର ଦାଶ ସୋମବାର ଯୋଗଦାନ କରିଛନ୍ତି। ଏହି ଯୋଗଦାନ ପୂର୍ବରୁ ସେ ଜିଲାପାଳ ସରୋଜ କୁମାର ସେଠୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟର ଦାୟିତ୍ୱ ନେବା ପୂର୍ବରୁ ଦାଶ ହାଇଦ୍ରାବାଦ ସମ୍ଭାଗ କେନ୍ଦ୍ରୀୟ ବିଦ୍ୟାଳୟ-୧ ନୌସେନା ବିଶାଖାପାଟଣାଠାରେ କାର୍ଯ୍ୟରତ ଥିଲେ। ନୂତନ ଅଧ୍ୟକ୍ଷଙ୍କୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ସ୍ୱାଗତ ସହିତ ଶୁଭେଚ୍ଛା ଜଣାଇଛନ୍ତି। ଶୈକ୍ଷିକ ବାତାବରଣ ଓ ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟର ଉନ୍ନତି ପ୍ରତି ଧ୍ୟାନଦେଇ କାର୍ଯ୍ୟ କରିବେ ବୋଲି ନୂତନ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

# ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ରୁହ

### ଭାଜପାର ପରିବର୍ଦ୍ଧିତ କୋର୍ କମିଟି ବୈଠକ

ଢେଙ୍କାନାଳ,୪।୯(ରତନ ନାୟାର)

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ଢେଙ୍କାନାଳ ଲୋକ ସଭା ଭାଜପା ପରିବର୍ଦ୍ଧିତ କୋର୍ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ଯୋଗଦେଇ ମହା ଜନସମ୍ପର୍କ ଅଭିଯାନର ସମୀକ୍ଷା କରିବା ସହ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ଦଳର ସ୍ଥିତି ସମ୍ପର୍କରେ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ପଞ୍ଚାୟତସ୍ତରୀୟ ଆନ୍ଦୋଳନକୁ ଆହୁରି ତୀବ୍ର କରିବା, ମୋ ମାଟି-ମୋ ଦେଶ କାର୍ଯ୍ୟକ୍ରମକୁ ସଫଳ କରିବା, କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଓ ବୁଥ୍‌ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ


ଭାଜପାର ପରିବର୍ଦ୍ଧିତ କୋର୍ କମିଟି ବୈଠକକୁ ଉଦ୍‌ଘାଟନ କରାଯାଉଛି।

ରହିବାକୁ ଉପସ୍ଥିତ ନେତୃବୃନ୍ଦଙ୍କୁ ପରାମର୍ଶ ଦେଇଥିଲେ।

ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କୋର୍ କମିଟି ବୈଠକରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଲୋକ ସଭା ପ୍ରଭାରୀ ସୀମାଞ୍ଚଳ ଖଟେଇ, ସଂଯୋଜକ ପ୍ରେମାନନ୍ଦ ଜେନା, ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ଅନୁଗୋଳ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, କାଳନ୍ଦୀ ସାମଲ, ଅଶୋକ ମହାନ୍ତି, ଶତ୍ରୁଘ୍ନ ଜେନା, ଦିଲୀପ ପ୍ରଧାନ, ନିରୋଜ ନଳିନୀ ମହାଲିକ, ପ୍ରତିମା ମିଶ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ନଗରପାଳ ସୁନିଲ୍ ଶର୍ମା, ଜିଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ଜିଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁଙ୍କ ସମେତ ସମସ୍ତ କୋର୍ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ଗାଡ଼ି ଚଢ଼ାଇ ଦେବାକୁ ଉଦ୍ୟମ

ଢେଙ୍କାନାଳ,୪।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା କୁକୁଡ଼ାଝର ନିକଟରେ ସେଲୁନକୁ ଚୁଟି କାଟିବାକୁ ଯାଇଥିବା କନ୍ଧପଡ଼ା ଗ୍ରାମର ଜ୍ୟୋତି ରଞ୍ଜନ ମହାଲିକ(୩୦)ଙ୍କୁ ଗାଡ଼ି ଚଢ଼ାଇ ଦେବାକୁ ଉଦ୍ୟମ କରାଯାଇଛି। ଉକ୍ତ ଅଞ୍ଚଳର ଜଣେ ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏପରି କରିଥିବା କୁହାଯାଉଛି। ଏହି ଘଟଣାରେ ଜ୍ୟୋତି ରଞ୍ଜନ ଗୁରୁତର ହୋଇଥିବା ବେଳେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ହେଁ ଖବର ଲେଖାହେବା ସୁଦ୍ଧା ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ କହିଛନ୍ତି, ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ତଦନ୍ତ କରାଯାଇଛି। ଯେହେତୁ ଆହତ ଜ୍ୟୋତି ରଞ୍ଜନ କଟକ ସ୍ଥାନାନ୍ତର ହୋଇଛନ୍ତି, ତେଣୁ ତାଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଅଭିଯୋଗ ହୋଇନାହିଁ। ଅଭିଯୋଗ ହେବାପରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନୀତି, ପ୍ରଥା ସମ୍ପର୍କରେ ଆଲୋଚନା

ଭୁବନ,୪।୯( ବିପିନ ବିହାରୀ ସେଠୀ )

ଢେଙ୍କାନାଳ ଜିଲା ଭୁବନସ୍ଥିତ ମା' କାଳୁଣୀଦେବୀ କଲ୍ୟାଣ ମଣ୍ଡପ ପରିସରରେ ରବିବାର କାପୁଡ଼ିଆ ସମାଜର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଦିଲୀପ ଦାସ ଯୋଗଦେଇଥିଲେ। ଜିଲା ସଭାପତି ଖଗେଶ୍ୱର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାର ସମସ୍ତ ଅଞ୍ଚଳର ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ଜାତି, ନୀତି ଓ ପ୍ରଥା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଆଗାମୀ ଜାତିର ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଆଲୋଚନା କରାଯାଇଥିଲା। ସମ୍ପାଦକ ଭାସ୍କର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କାପୁଡ଼ିଆ ସମାଜ ସଭାପତି ରାମଚନ୍ଦ୍ର ରାଉତ, ସମ୍ପାଦକ ବିଦ୍ୟାଧର ବିହାରୀ, ପୂର୍ବତନ ସଭାପତି ରାମକୃଷ୍ଣ ପୋଥାଳଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଭୁବନ, ଷଡ଼ଙ୍ଗୀ, ଝାରଦା, ବାଲିକିଆରି, ରାସୋଳ ଓ ମାଳତୀ ମୁଣ୍ଡିଆ ଗ୍ରାମର ସଭାପତି ଓ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ବରିଷ୍ଠ କର୍ମକର୍ତ୍ତା ଭାଗବତ ନାୟକ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ କାପୁଡ଼ିଆ ସମାଜର ସଦସ୍ୟମାନେ।

# ୧୦୪ ଅଭିଯୋଗର ଶୁଣାଣି

କାମାକ୍ଷାନଗର,୪।୯(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ୧୦୪ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୯୭ ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିଲା। ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨୫ ହଜାର ଓ ଜଣଙ୍କୁ ଜିଲା ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାସ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସ୍‌ଡିପିଓ ରଞ୍ଜନ କୁମାର ଦେ, କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆ, ତହସିଲଦାର ଓମ୍‌ପ୍ରକାଶ ମହାନ୍ତି, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗମ୍ବର ସାହୁ, ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ସଂସ୍କୃତ ହେଉଛି ସଂସ୍କୃତିର ପରିଚାୟକ

### ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହ

ଢେଙ୍କାନାଳ,୪।୯(ରତନ ନାୟାର)

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହ ସୋମବାର ଗୌରାଙ୍ଗ ଚରଣ ବିଦ୍ୟାପୀଠ ବଳଦିଆବନ୍ଧ ଠାରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ବୈକୁଣ୍ଠନାଥ ସାହୁ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଧାକର ନାୟକ, ବିନୋଦ ସ୍ୱାଇଁ, ସାବିତ୍ରୀ ମିଶ୍ର, ଲକ୍ଷ୍ମୀଧର ରାଉତ ଓ ସତ୍ୟବାଦୀ ପଣ୍ଡା ଏବଂ ମୁଖ୍ୟ ବକ୍ତା ଭାବେ ଉପେନ୍ଦ୍ର ପଣ୍ଡା ଯୋଗଦେଇ


ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହରେ ମଞ୍ଚାସୀନ ଅତିଥିମାନେ।

ସଂସ୍କୃତ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ। ସଂସ୍କୃତ ହେଉଛି ସଂସ୍କୃତିର ପରିଚାୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକାରୀ ସଭାପତି ଡକ୍ଟର ନିରଞ୍ଜନ ଦାଶ ଅତିଥି ପରିଚୟ ଓ ପଣ୍ଡିତ ଟୁଟୁ ମିଶ୍ର ସମ୍ପାଦକୀୟ ବିବରଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ସଂସ୍କୃତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ୯ଜଣ ସଂସ୍କୃତ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀ ସୁହାଗ ସୁହାନୀ ରାଉତ, ସୁଶ୍ରୀ ସଙ୍ଗୀତା ମହାନ୍ତି, ଅଭୀପ୍ସା ମୁଦୁଲି, ଶୁଚିସ୍ମିତା ପରିଡ଼ା, ଶର୍ମିଷ୍ଠା ସାହୁ ଓ ଶୁଭଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀ ବିଷ୍ଣୁପ୍ରିୟା ବରାଳ ଓ ଶିକ୍ଷିକା ଶ୍ରୀମା ସନାତନୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ପଣ୍ଡିତ ବୁଦ୍ଧଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂଚନା ଅଧିକାର ତଥ୍ୟ ନ ଦେବାରୁ ଜରିମାନା

ଢେଙ୍କାନାଳ,୪।୯(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟ ଦେଇ ନ ଦେବାରୁ ଓଡ଼ିଶା ସୂଚନା କମିଶନଙ୍କ ପକ୍ଷରୁ ୨୫ ହଜାର ଟଙ୍କା ଜରିମାନା କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଏହି ଜରିମାନା ଅର୍ଥ ଆଦାୟ କରିବା ପାଇଁ କୁହାଯାଇଛି। ପ୍ରକାଶ ଯେ, ଢେଙ୍କାନାଳ ସହର କାଠଗଡା ଅଞ୍ଚଳର ବୁଲା କିଶୋରୀ ନାଥ ୨୦୨୧ ମସିହାରେ ଏ ସଂକ୍ରାନ୍ତରେ ଓଡ଼ିଶା ସୂଚନା କମିଶନଙ୍କ ନିକଟରେ ଏକ ମାମଲା ଦାଏର କରିଥିଲେ। ସେକେଣ୍ଡ ଅପିଲ ନଂ-୧୩୭୫/୨୦୨୧ରେ ଏହି ମାମଲା ଚାଲିଥିଲା। ସୂଚନା ଅଧିକାର ବଳରେ ମଗାଯାଇଥିବା ତଥ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଦିଆ ନ ଯିବାରୁ ଓଡ଼ିଶା ସୂଚନା କମିଶନଙ୍କ ପକ୍ଷରୁ ଗଁଦିଆ ବ୍ଲକ ବିଇଓଙ୍କୁ ଏହି ଜରିମାନା ଆଦେଶ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

# ହିଙ୍ଗୁଳା, ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ

କଣିହାଁ,୪।୯(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ବାବାମଣି ଓ ମା' ସନ୍ତୋଷୀ ମନ୍ଦିର ପରିସରରେ ସୋମବାର ମା' ହିଙ୍ଗୁଳା ଓ ମା' ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷୀ ମା'ଙ୍କ ଜନ୍ମଉତ୍ସବ ଅବସରରେ ବାପଘର ବାବାମଣି ମନ୍ଦିରକୁ ତାଳଚେର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଓ ପ୍ରକଳ୍ପସ୍ଥିତ ମା' ବାଟମଙ୍ଗଳାଙ୍କୁ ଆମନ୍ତ୍ରଣ କରି ଅଣାଯାଇଥିଲା। ସୋମବାର ଲେଉଟାଣି ଉତ୍ସବ ଅବସରରେ ମନ୍ଦିରର ମୁଖ୍ୟ ଉପଦେଷ୍ଟା ସେବକ ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ବେଢ଼ା ପରିକ୍ରମା ଓ ବନ୍ଦାପନା କରି ୨ ଦେବୀଙ୍କୁ ବିଦାୟ ଦିଆଯାଇଥିଲା। ଏକ ଶୋଭାଯାତ୍ରାରେ ଭକ୍ତମାନେ ପ୍ରଥମେ ରେଙ୍ଗାଳି ପ୍ରକଳ୍ପ ସ୍ଥିତ କପିଳେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମା' ବାଟମଙ୍ଗଳାଙ୍କୁ ଓ ପରେ ମା' ହିଙ୍ଗୁଳାଙ୍କୁ ତାଳଚେରସ୍ଥିତ ଗୋପାଳପ୍ରସାଦରେ ବିଦାୟ ଦେଇ ରେଙ୍ଗାଳି ଫେରିଥିଲେ।


ଲେଉଟାଣି ଉତ୍ସବରେ ଉପସ୍ଥିତ ପୂଜକ ଓ ଶ୍ରଦ୍ଧାଳୁ।

# କ୍ରୀଡ଼ାର ଉପକାରିତା ଉପରେ ଆଲୋକପାତ



ଟାଏକୋଣ୍ଡୋ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ,୪।୯(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ରଣପଶିଠାରେ ଆମେଚର ଟାଏକୋଣ୍ଡୋ ଓ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ବିଶ୍ୱ ଟାଏକୋଣ୍ଡୋ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ଏହି ଦିବସକୁ ପାଳନ କରିଥିଲେ। ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ଟାଏକୋଣ୍ଡୋ ଶିକ୍ଷା ଓ ଆତ୍ମରକ୍ଷା କୌଶଳର ଶିକ୍ଷା ଉପରେ ମତବ୍ୟକ୍ତ କରିଥିଲେ। ଆମେଚର ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ପ୍ରଶିକ୍ଷକ ମାଷ୍ଟର ସୌମ୍ୟବ୍ରତ ସାହୁ କ୍ରୀଡ଼ାର ଉପକାରିତ ଉପରେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କୌଶଳର ଶିକ୍ଷା ପ୍ରଦାନ କରିଥିଲେ।

# ଭ୍ରଷ୍ଟାଚାର ବିରୋଧରେ ବିକ୍ଷୋଭ

କାମାକ୍ଷାନଗର,୪।୯(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତ ଧୂଳିଗୋଠଠାରେ ଭାଜପା ପକ୍ଷରୁ ସୋମବାର ଗାଦିଛାଡ଼ ଆନ୍ଦୋଳନ କରାଯାଇଥିଲା। ବାଲିକୁମା ପଞ୍ଚାୟତ ପ୍ରମୁଖ ବ୍ରହ୍ମାନନ୍ଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଲୋକସଭା କ୍ଷେତ୍ରର ସଂଯୋଜକ ପ୍ରେମାନନ୍ଦ ଜେନା, ବିରାଶାଳ ମଣ୍ଡଳ ସଭାପତି ସନାତନ ସାହୁ, ସାଧାରଣ ସମ୍ପାଦକ ଭାଗିରଥି ବରାଳ, ସାଧାରଣ ସମ୍ପାଦକ, ବିରାଶାଳ ପଞ୍ଚାୟତ ପ୍ରମୁଖ ଭାଗବତ ସିଂହ, ବାଟଗାଁ ପଞ୍ଚାୟତ ଯୁବମୋର୍ଚ୍ଚା ସଭାପତି ନରହରି ପରିଡ଼ା, ବାଲିକୁମା ପୂର୍ବତନ ସରପଞ୍ଚ ଶ୍ୟାମ ହେମ୍ବ୍ରମ, ବୁଦ୍ଧଦେବ ସୋରେନ, ରଘୁନାଥ ହାଁସଦାଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।


ସଭାରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।

# ବିଦ୍ୟାଳୟ ସମୂହ କ୍ରୀଡ଼ା ଖେଳାଳି ଚୟନ



ଚୟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଫିସିଆଲ।

ଢେଙ୍କାନାଳ,୪।୯(ରତନ ନାୟାର)

ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍‌ଠାରେ ୧୪ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକମାନଙ୍କ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ହକି, ହ୍ୟାଣ୍ଡବଲ୍ ଓ ଭାର ଉତ୍ତୋଳନ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ପ୍ରକ୍ରିୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ବନିତା ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଚୟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ହକି କୋଚ୍ ଫ୍ଲରେନସିଆ ଏକା, ସାଇର ୱେଟ୍‌ଲିଫ୍ଟିଂ କୋଚ୍ ଗୋପାଳ ଦାସ, ପୂର୍ବତନ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ନରେଶ କୁମାର ମହାରଣା, ପ୍ରଶାନ୍ତ ଧଳ ଓ ୟୁଥ୍ କମନ ୱେଲ୍‌ଥ ଗେମ୍‌ସର ସ୍ୱର୍ଣ୍ଣପଦକ ବିଜେତା ହୃଦାନନ୍ଦ ଦାସ ଯୋଗ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତି ପ୍ରସାଦ ପରିଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଚୟନ ପ୍ରତିଯୋଗିତାରେ ୨୪୦ ଜଣ କ୍ରୀଡାବିତ୍ ଓ ୧୧ ଅଫିସିଆଲ୍ ଯୋଗ ଦେଇଥିଲେ। ପ୍ରମୋଦ କୁମାର ଦାସ, ବାବୁଲା ପ୍ରସାଦ ମହାନ୍ତି, ସାଇପ୍ରସାଦ ଦଲେଇ, ଦିଲୀପ ପାଳ, ପ୍ରଶାନ୍ତ ସାହୁ, ଅମିନ ତରାଇ, ଅନିଲ ପ୍ରସାଦ ନନ୍ଦ, ଜଗନ୍ନାଥ ସାହୁ, ଜୟନ୍ତୀ ବେହେରା, ରାମକୃଷ୍ଣ ବେହେରା, ମଞ୍ଜୁବାଳା ବେହେରା, ସ୍ମିତିସୁଧା ଜେନା ଓ ହରପ୍ରିୟା ଦାଶ ପ୍ରମୁଖ ସହଯୋଗ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ସମ୍ପାଦକ ସୁବ୍ରତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ସଦର ବ୍ଲକର କ୍ରୀଡ଼ା ସମ୍ପାଦକ ସୁଶୀଲ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ୨ ବର୍ଷରେ ୮୫ ଏସ୍‌ସିଏସ୍‌ଟି ଜମି ବିକ୍ରିକୁ ଅନୁମତି

ଢେଙ୍କାନାଳ,୪।୯(ରତନ ନାୟାର)

### ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କଲେ ସୂଚନା ଅଧିକାର କର୍ମୀ

ଢେଙ୍କାନାଳ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୨ବର୍ଷ ମଧ୍ୟରେ ୮୫ଟି ଏସ୍‌ସିଏସ୍‌ଟି ଜମି ବିକ୍ରି ପାଇଁ ଅନୁମତି ପ୍ରଦାନ କରାଯାଇଛି। ଢେଙ୍କାନାଳ ସହର ୭ନଂ. ୱାର୍ଡରେ ରହୁଥିବା ସୂଚନା ଅଧିକାର କର୍ମୀ ପ୍ରିୟବ୍ରତ ଗଡ଼ନାୟକ ଏ ସମ୍ପର୍କରେ ଓଡ଼ିଶା ଲୋକାୟୁକ୍ତ ଭୁବନେଶ୍ୱରଙ୍କ ନିକଟରେ ଅଭିଯୋଗ କରିବା ସହ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଅଭିଯୋଗରେ ସୂଚନା ଅଧିକାର କର୍ମୀ ଗଡ଼ନାୟକ ଦର୍ଶାଇଛନ୍ତି, ସୂଚନା ଅଧିକାର ଆଇନ ମାଧ୍ୟମରେ ସେ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଏସ୍‌ସିଏସ୍‌ଟି ଜମିବିକ୍ରି ସମ୍ପର୍କିତ ତଥ୍ୟ ମାଗିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ-୩୪୫୨, ତା.୩୧।୭।୨୦୨୩ରେ ଗତ ୨ ବର୍ଷ ମଧ୍ୟରେ ୮୫ଟି ଏସ୍‌ସିଏସ୍‌ଟି ଜମି ବିକ୍ରି ପାଇଁ ଅନୁମତି ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ବ୍ୟକ୍ତି ନିଜ ଜମିକୁ ଅନ୍ୟ ସମ୍ପ୍ରଦାୟକୁ ବିକ୍ରି କରିବା ପୂର୍ବରୁ ଏ ସମ୍ପର୍କିତ ଅନୁମତି ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ନେବାକୁ ପଡ଼ିବ ବୋଲି ସରକାରୀ ଆଇନ ରହିଛି। ତେଣୁ ଝିଅପୁଅ ବାହାଘର, ସ୍ୱାସ୍ଥ୍ୟଜନିତ ସମସ୍ୟା କିମ୍ବା ପିଲାଙ୍କ ପାଠ ପଢ଼ିବା ଆଦି ପାଇଁ ଜରୁରୀ ଭିତ୍ତିରେ ଅନ୍ୟ ସମ୍ପ୍ରଦାୟ ବା ଅଣସଂରକ୍ଷଣ ଲୋକଙ୍କୁ ଜମି ବିକ୍ରି କରିବାକୁ ଚାହିଁଥିବା ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଏତେ ସଂଖ୍ୟକ ଲୋକ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏଥିପାଇଁ ଅନୁମତି ନେଇଥିବା ଏଥିରୁ ଜଣାପଡୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଆଦିବାସୀ, ହରିଜନଙ୍କ ସହାୟତା ପାଇଁ ଅନେକ ଯୋଜନା କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା, ପିଲାଙ୍କ ପାଠପଢ଼ିବା ପାଇଁ ଆର୍ଥିକ ସହାୟତା, ନିର୍ମାଣ ଶ୍ରମିକ ପରିବାରର ବିବାହ ପାଇଁ ୫୦ ହଜାର ଟଙ୍କା, ମୃତଦେହ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା, ଆବାସ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହା ସତ୍ତ୍ୱେ ଗତ ୨ ବର୍ଷ ଭିତରେ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ୮୫ଟି ଜମି ବିକ୍ରି ପାଇଁ କେମିତି ଏତେ ଆବେଦନ ଆସିଲା ତାହା ସନ୍ଦେହ ସୃଷ୍ଟି କରୁଛି। ତେଣୁ ଗରିବ ଏସ୍‌ସିଏସ୍‌ଟି ସମ୍ପ୍ରଦାୟର ଲୋକଙ୍କର ଜାଗା ନେବାକୁ ସେମାନଙ୍କୁ ପ୍ରଲୋଭିତ କରାଯାଇଥିବା ଅଭିଯୋଗ ହେଉଛି। ଏଥିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସୂଚନା ଅଧିକାରୀ କର୍ମୀ ଗଡ଼ନାୟକ ଲୋକାୟୁକ୍ତ ଭୁବନେଶ୍ୱରଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଏ ସଂକ୍ରାନ୍ତରେ ଢେଙ୍କାନାଳ ଉପଜିଲାପାଳଙ୍କ ପଦବୀରେ ଅତିରିକ୍ତ ଦାୟିତ୍ୱରେ ଥିବା କାମାକ୍ଷାନଗର ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ କହିଛନ୍ତି, ଅତିରିକ୍ତ ଦାୟିତ୍ୱରେ ରହିଛି। ଏ ବିଷୟରେ କୌଣସି ଖବର ନାହିଁ । କ'ଣ ହୋଇଛି, ସେ ସମ୍ପର୍କରେ ଅନୁଧ୍ୟାନ କରାଯିବ।

## ସଂକ୍ଷେପରେ

### ନାଲ୍‌କୋ ସିପିପିରେ ଜିଜିଏମ୍ ପଦବୀ ଖାଲି

ବଅଁରପାଳ,୪।୯(ଉପେନ୍ଦ୍ର ରାଉତ)

ନାଲ୍‌କୋ ସିପିପିରେ ଏବେ ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ପଦବୀ ଖାଲି ପଡିଛି। ସିପିପି ଜିଜିଏମ୍ ସୁଧୀର ପଟ୍ଟନାୟକ ଗତ ୩୧ ତାରିଖରେ ଚାକିରିରୁ ଅବସରଗ୍ରହଣ କରିଛନ୍ତି। ମାତ୍ର ତାଙ୍କ ସ୍ଥାନରେ ଏ ପର୍ଯ୍ୟନ୍ତ ନୂତନ ନିଯୁକ୍ତି ହୋଇନାହିଁ। ଯେଉଁଦିନ ଜିଜିଏମ୍ ଚାକିରିରୁ ଅବସର ଗ୍ରହଣ କରିବେ ସେହି ଦିନ ନୂତନ ନିଯୁକ୍ତି ହେବା କଥା। ମାତ୍ର ତାହା ହୋଇ ନ ଥିବାରୁ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି। ସିପିପି ଜିଜିଏମ୍ ନ ଥିବା ଯୋଗୁ ପ୍ଲାଣ୍ଟରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ପ୍ଲାଣ୍ଟରେ ଆନ୍ଦୋଳନ ହେଲେ କିମ୍ବା କୌଣସି ଦୁର୍ଘଟଣା ଘଟିଲେ ଜିଜିଏମ୍ ସମସ୍ତ କଥା ସମାଧାନ କରିଥାନ୍ତି। ଏଥିସହ କୋଇଲା ସମସ୍ୟାର ସମାଧାନ ଓ ପୂର୍ଣ୍ଣକ୍ଷମତାରେ ବିଦ୍ୟୁତ୍ ୟୁନିଟ୍ ଚାଲିବା ଉପରେ ଧ୍ୟାନ ଦେଇଥାନ୍ତି। ସେହିପରି ନାଲ୍‌କୋ ଏଚ୍‌ଆର୍‌ଡି ଜିଜିଏମ୍ ମଣିପ୍ରସାଦ ସାମଲ ଦୀର୍ଘ ୫ ମାସ ହେଲା ଅବସର ନେଇଥିଲେ ମଧ୍ୟ ତାଙ୍କ ଜାଗାରେ କାହାକୁ ନୂତନ ନିଯୁକ୍ତି ଦିଆଯାଇ ନାହିଁ। ତୁରନ୍ତ ଏହି ୨ ପଦବୀ ପୂରଣ କରିବା ପାଇଁ ନାଲ୍‌କୋ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ବିଭବ ଜେନା ନାଲ୍‌କୋ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

# ହୃଦୟ ଛୁଇଁଲା 'ସାହାଡ଼ା ସୁନ୍ଦରୀ'

**ରାଜ୍ୟସ୍ତରୀୟ ନାଟକ ଉତ୍ସବର ୩ୟ ସନ୍ଧ୍ୟା**

ଅନୁଗୋଳ,୪।୯(ଅମିତ କୁମାର ସାମଲ)



ଜଣେ ଧନୀ ସୌଦାଗର ଶଙ୍କର ସାଧବ କୁମ୍ଭୀର ସହିତ କରିଥିବା ସର୍ତ୍ତ ଅନୁସାରେ ନିଜର ୧୦ ବର୍ଷର ଝିଅ କାଞ୍ଚନଙ୍କୁ କୁମ୍ଭୀର ପାଖରେ ଛାଡ଼ି ଆସନ୍ତି। କିଛି ଦିନ ପରେ କୌଶଳରେ କାଞ୍ଚନ କୁମ୍ଭୀର ପାଖରୁ ଖସି ଆସି ବନଦେବୀଙ୍କ ଦୟାରେ ସାହାଡ଼ା ଗଛରେ ଆଶ୍ରୟ ନିଅନ୍ତି ଏବଂ ପ୍ରକୃତି କୋଳରେ ବଢ଼ିବାକୁ ଲାଗନ୍ତି। ସମୟକ୍ରମେ ସେହି ସାହାଡ଼ା ସୁନ୍ଦରୀର ଅପରୂପ ଲାବଣ୍ୟରେ ମୁଗ୍ଧ ହୋଇ ସେହି ରାଜ୍ୟର ଧନୀ କୁବେର ସାଧବର ସାନପୁଅ ଚନ୍ଦ୍ରଭାନୁ ସେହି ଅପରୂପା ସୁନ୍ଦରୀଙ୍କୁ ବିବାହ କରିବାକୁ ମନସ୍ଥ କରନ୍ତି। ବିଧି ଅନୁସାରେ ସାହାଡ଼ା ଗଛକୁ ବାହାହୋଇ ଗଛର ଗଣ୍ଡିକୁ କାଟି ସ୍ତ୍ରୀ ରୂପେ ଘରକୁ ନିଅନ୍ତି। ପରବର୍ତ୍ତୀ ଅବସ୍ଥାରେ ରାଜା ଚନ୍ଦ୍ରକ ଯୋଜନାବଦ୍ଧ ଭାବେ ସାହାଡ଼ା ସୁନ୍ଦରୀଙ୍କୁ ଘରର ଚାକରାଣୀ ସହାୟତରେ ଅପହରଣ କରିନିଅନ୍ତି। ଚନ୍ଦ୍ରଭାନୁ ବିଦେଶରୁ ଫେରି ସ୍ତ୍ରୀଙ୍କୁ ନ ପାଇ ପାଗଳ ହୋଇ ଭିକାରୀ ବେଶରେ ବୁଲନ୍ତି। ରାଜାଙ୍କ ଉଆସରେ ସାହାଡ଼ା ସୁନ୍ଦରୀଙ୍କ ସହ ଚନ୍ଦ୍ରଭାନୁଙ୍କ ଭେଟ ହୁଏ। ସାହାଡ଼ା ସୁନ୍ଦରୀ ଚନ୍ଦ୍ରକ ରାଜାର ରାଣୀ ହୋଇଥିବା ଶୁଣି ଚନ୍ଦ୍ରଭାନୁ ଆତ୍ମହତ୍ୟା କରନ୍ତି। ସେହି ଚିତାରେ ସାହାଡ଼ା ସୁନ୍ଦରୀ ଝାସ ଦେଇ ଦିଅନ୍ତି। ରାଜା ଚନ୍ଦ୍ରକ ମଧ୍ୟ ନିଆଁକୁ ଡେଇଁ ଆତ୍ମହତ୍ୟା କରନ୍ତି। ଶିବଙ୍କ କୃପାରୁ ଚନ୍ଦ୍ରଭାନୁ ଓ ସାହାଡ଼ା ସୁନ୍ଦରୀ ପୁନର୍ବାର ଜୀବନ ଲାଭ କରନ୍ତି ଏବଂ ସେହି ରାଜ୍ୟର ରାଜା ଓ ରାଣୀ ହୋଇ କାଳତିପାତ କରନ୍ତି। ନିଜର କୁକର୍ମ ଯୋଗୁ ରାଜା ଚନ୍ଦ୍ରକ କାଳିଆ କୁକୁର ହୋଇ ଜନ୍ମ ଲାଭ କରନ୍ତି।

ଅନୁଗୋଳ ସଭାଘରଠାରେ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବର ସୋମବାର ତୃତୀୟ ସନ୍ଧ୍ୟାରେ ପରିବେଷଣ ହୋଇଥିଲା ନାଟକ 'ସାହାଡ଼ା ସୁନ୍ଦରୀ'। ଥିଏଟର ଫର ଏଜୁକେଶନାଲ ଆୱାରନେସ ମୁଭମେଣ୍ଟ (ଟିମ) ଭୁବନେଶ୍ୱରର କଳାକାରମାନେ ଏଥିରେ ଚମତ୍କାର ଅଭିନୟ କରିଥିବା ବେଳେ ଏହା ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଥିଲା। ବିଭୁ ଦତ୍ତ ଦୀକ୍ଷିତ ଏହାର ରଚନା କରିଥିବା ବେଳେ ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲ ନିର୍ଦ୍ଦେଶନା ଦେଇଥିଲେ। ବିଭିନ୍ନ ଭୂମିକାରେ ସାଇ ସ୍ୱରୂପା ଦୀକ୍ଷିତ, ଐଶ୍ୱର୍ଯ୍ୟା ଭାରତୀ, ସ୍ନେହାଶ୍ରୀ ନାୟକ, ରତ୍ନପୂର୍ଣ୍ଣା ସାମଲ, ପ୍ରୀତିପ୍ରଭା ପରିଡ଼ା, କଳ୍ପନା ଶତପଥୀ, ଚମ୍ପା, ମାଧୁରୀ ବଡାତ୍ୟ, ପ୍ରୀତି ନାୟକ, ଶ୍ରେୟା ସଲୋନୀ ଶତପଥୀ, ପୁତୁଲ, ଲୋରୀ, ବିଷ୍ଣୁ ପଣ୍ଡା, ନିତ୍ୟ ପ୍ରକାଶ ସ୍ୱାଇଁ, ରଞ୍ଜନ କୁମାର ନାୟକ, ପ୍ରଶାନ୍ତ କୁମାର ମହାପାତ୍ର, ମୃତ୍ୟୁଞ୍ଜୟ ସାହୁ, କାହ୍ନୁ ଚରଣ ପ୍ରଧାନ, ହରପ୍ରସାଦ ପଟ୍ଟନାୟକ, ସିଦ୍ଧାନ୍ତ ଦାସ, ଶ୍ରୀଚନ୍ଦନ ନାୟକ, ଆୟୁଷ ଗିରି, ରବୀନ୍ଦ୍ର ପାତ୍ର, ରାହୁଲ ସାହୁ, ଆଦିତ୍ୟ କୁମାର ସୁବୁଦ୍ଧି, ସ୍ୱୟଂସିଦ୍ଧ ପଣ୍ଡା, ଜଗନ୍ନାଥ ରଥ ଚମତ୍କାର ଅଭିନୟ କରିଥିଲେ। ସନ୍ତୋଷ କୁମାର ପରିଡ଼ା ସଙ୍ଗୀତ ରଚନା କରିଥିବା ବେଳେ କଣ୍ଠଦାନ କରିଥିଲେ ଆଶିଷ। ଅତିଥି ଭାବେ କଳାକାରର ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ହେମନ୍ତ କୁମାର ଦାଶ, ବରିଷ୍ଠ ଓକିଲ ଓ ଅଭିନେତା ବସନ୍ତ କୁମାର ଦାସ ଯୋଗଦେଇଥିଲେ। ଏହି ଅବସରରେ ସାହାଡ଼ା ସୁନ୍ଦରୀ ନାଟକର ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

# ସଂଘ ଆକାଉଣ୍ଟରୁ ଟଙ୍କା ଗାଏବ

**ଆନ୍ଦୋଳନ ଚେତାବନୀ**

କଣିହାଁ,୪।୯(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କଳା ସଂସ୍କୃତି ସଂଘରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଉପସଭାପତି ନବଘନ ସାମଲଙ୍କ ନେତୃତ୍ୱରେ ଅନେକ ଲୋକ କଳାକାର ଦଳ, କାର୍ଯ୍ୟକର୍ତ୍ତା ସୋମବାର କଣିହାଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ବିଲୁପ୍ତ ଲୋକ କଳାର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ୨୦୧୧ରେ ଏକ ସ୍ୱତନ୍ତ୍ର ଯୋଜନା କରିଥିଲେ। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ବ୍ଲକସ୍ତରରେ କଳା ସଂସ୍କୃତି ସଂଘ ଗଠନ ହୋଇଥିଲା। ଏଥିରେ ବିଡିଓ ସଭାପତି ଭାବେ ରହିଥିବାବେଳେ ଅନ୍ୟାନ୍ୟ ଅଧିକାରୀ ସମ୍ପାଦକ ଦାୟିତ୍ୱ ତୁଲାଇବାର ବ୍ୟବସ୍ଥା ଥିଲା। ହେଲେ ଜିଲା ସଂସ୍କୃତି ଅଧିକାରୀଙ୍କ ଅବହେଳା ଓ ବିଡିଓଙ୍କ ଦାୟିତ୍ୱହୀନତା ପାଇଁ ବହୁ କଳାକାରଙ୍କ ନାମ ପଞ୍ଜୀକୃତ ତାଲିକାରୁ ବାଦ ଦିଆଯାଇଛି। ରାଜ୍ୟ ସରକାର ବିଲୁପ୍ତ କଳାର ପୁନରୁଦ୍ଧାର ପାଇଁ ଜିଲାସ୍ତରରେ ୫ ଲକ୍ଷ ଓ ପ୍ରତି ବ୍ଲକକୁ ବାର୍ଷିକ ୨ ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ କଣିହାଁ ବ୍ଲକ କଳାକାର ସଂଘ ଆକାଉଣ୍ଟରେ କୌଣସି ଟଙ୍କା ନ ଥିବା ଜଣାପଡ଼ିଛି। ପଞ୍ଜୀକୃତ ୪୩୭ ଲୋକକଳା ଦଳ ମଧ୍ୟରୁ କାହିଁକି ବହୁ କଳାକାରଙ୍କ ନାମ ବାଦ ଦିଆଯାଇଛି ଏବଂ ବ୍ଲକ କଳାକାର ସଂଘ ଆକାଉଣ୍ଟରୁ ଟଙ୍କା କୁଆଡେ ଗଲା ତାହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି କଣିହାଁ ବ୍ଲକ କଳା ସଂସ୍କୃତି ସଂଘ। ଏହାର ଉପଯୁକ୍ତ ଜବାବ ନ ମିଳିଲେ ପ୍ରତିବାଦ କରାଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି। ଏ ନେଇ କଣିହାଁ ବିଡିଓଙ୍କୁ ଯୋଗାଯୋଗ କରିବା ସତ୍ତ୍ୱେ କୌଣସି ମତାମତ ମିଳିନାହିଁ।



କଣିହାଁ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମହିମା ଟୁଙ୍ଗିରେ ଚାରାରୋପଣ

ବଅଁରପାଳ,୪।୯(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ କୁଲାଡ଼ ମହିମା ନିତ୍ୟ ମହିମା ସମାଜ ପକ୍ଷରୁ ସୋମବାର ଟୁଙ୍ଗିରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ମକର୍ତ୍ତାମାନେ ମହିମା ମନ୍ଦିର ପରିସରରେ ସଫେଇ କରିଥିଲେ। ଏହାପରେ ଆମ୍ବ, ପଣସ, ପିଜୁଳି ସହ ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଥିଲା। ପ୍ରଣବ ଜେନା, ପ୍ରେମାନନ୍ଦ ସେଠ, ରାଜେଶ ଜେନା, ବାମଦେବ ସେଠ, ଗ୍ରାମ ସଭାପତି ଅଶୋକ ବିଶୋଇ, ଫୁଲୁ ବିଶୋଇ, କରୁଣାକର ସେଠ, ବାବା ରବି ଦାସ, ସଞ୍ଜୀବ ସେଠ, ଜଗନ୍ନାଥ ସେଠ ପ୍ରମୁଖ ଉପସ୍ଥିତ ଥିଲେ।



ଚାରା ରୋପଣ ଅବସରରେ ମହିମା ନିତ୍ୟ ମହିମା ସମାଜ କର୍ମକର୍ତ୍ତାମାନେ।

# ଡ୍ରେନ, ପାଣି ସମସ୍ୟା ନେଇ ଅଭିଯୋଗ



ଅଭିଯୋଗପତ୍ର ଦେବାକୁ ଆସିଥିବା ୫ନଂ. ୱାର୍ଡବାସୀ।

ଅନୁଗୋଳ,୪।୯(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଲାସିଙ୍ଗା ପଞ୍ଚାୟତର ୫ନଂ. ୱାର୍ଡବାସୀ ଡ୍ରେନ୍ ଓ ପିଇବା ପାଣି ସମସ୍ୟା ନେଇ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗରେ ୱାର୍ଡବାସୀ ଦର୍ଶାଇଛନ୍ତି, ଉକ୍ତ ୱାର୍ଡରେ ପ୍ରାୟ ୨ ଶହ ପରିବାର ବସବାସ କରୁଛନ୍ତି। ବର୍ଷା ହେଲେ ୱାର୍ଡ ଚତୁଃପାର୍ଶ୍ୱରେ ପାଣି ଜମି ରହିଛି। ଫଳରେ ଘରୁ ବାହାରିବା ପାଇଁ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ପିଇବା ପାଣି ପାଇଁ ନଳକୂପଟିଏ ନ ଥିବାରୁ ୨ କିଲୋମିଟର ଦୂରକୁ ଯାଇ ପିଇବା ପାଣି ଆଣିବାକୁ ପଡ଼ିଛି। ଜମି ରହୁଥିବା ବର୍ଷା ପାଣି ୱାର୍ଡ ପାଖ କୂଅରେ ପଶିଯାଇଥିବାରୁ ତାହା ଆଉ ପିଇବା ଯୋଗ୍ୟ ହେଉନାହିଁ। ସମସ୍ୟା ସମ୍ପର୍କରେ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରାଗଲେ ମଧ୍ୟ ସୁଫଳ ମିଳୁନାହିଁ। ତେଣୁ ଏହାର ଶୀଘ୍ର ସମାଧାନ ପାଇଁ ସେମାନେ ଜିଲାପାଳଙ୍କୁ ଅଭିଯୋଗ କରିଥିବା ୱାର୍ଡବାସୀ ଉଲ୍ଲେଖ କରିଛନ୍ତି।

# ସିଗାରେଟ୍, ଗୁଟଖା ଚୋରି: ୨ ଗିରଫ

ଅନୁଗୋଳ,୪।୯(ଅମିତ ସାମଲ)

ଅନୁଗୋଳ ଜିଲା କୋଲିୟରୀ ଥାନା ସାଉଥବଲଣ୍ଡା ଅଞ୍ଚଳରେ ଥିବା ଅନିଲ କୁମାର ସାହୁଙ୍କ ଦୋକାନରୁ ଚୋରି ହୋଇଛି। ଅନିଲଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୪୧୫/୨୩ରେ ମାମଲା ରୁଜୁ କରି ସୋମବାର ସାଉଥବଲଣ୍ଡା ମୁଣ୍ଡାହଟିଂର କ୍ରିଷ୍ଣା ସାହାଣି ଓ ଜଣେ ନାବାଳକଙ୍କୁ ଗିରଫ କରିଛି। ନାବାଳକଙ୍କୁ ସ୍ୱଧାରଗୃହକୁ ପଠାଇ ଦିଆଯାଇଛି। ପୋଲିସ କହିଛି, ଶନିବାର ରାତିରେ ଅନିଲ ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ରବିବାର ସକାଳେ ତାଙ୍କ ଦୋକାନ ଆଜବେଷ୍ଟସ୍ ତାଡି କେହି ଦୁର୍ବୃତ୍ତ ୧୫ ହଜାର ଟଙ୍କାର ସିଗାରେଟ, ଗୁଟଖା, ବିସ୍କୁଟ ଓ ଚକୋଲେଟ ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଇଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଥିଲା।

# ଗାଡ଼ି ଧକ୍କାରେ ମହିଳା ମୃତ

ଛେଣ୍ଡିପଦା,୪।୯(ଅଜିତ ଧଳ)

ଛେଣ୍ଡିପଦାରୁ ଖମାର ଯାଇଥିବା ୧୫୩ ବି ଜାତୀୟ ରାଜପଥର ବାଗଡିଆ ବଡଯୋରା ନାଳ ନିକଟସ୍ଥ ମା' ହିଙ୍ଗୁଳା ପୀଠଠାରେ ସୋମବାର ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାଗଡିଆ ଥାନା ସଜରା ସାହିର ବାସନ୍ତୀ ସାହୁ। ପୋଲିସ କହିଛି, ବାସନ୍ତୀ ଛେଣ୍ଡିପଦାରୁ ଘରକୁ ଚାଲି ଚାଲି ଫେରୁଥିବାବେଳେ ହିଙ୍ଗୁଳା ପୀଠଠାରେ ଛେଣ୍ଡିପଦାରୁ ବାଗଡିଆ ଅଭିମୁଖେ ଆସୁଥିବା ଏକ ଗାଡି ବାସନ୍ତୀଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ବାସନ୍ତୀଙ୍କୁ ଉଦ୍ଧାର କରି ବାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଗଡିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବିଦ୍ୟୁତ୍ ସେବା ନ ମିଳିଲେ ଆନ୍ଦୋଳନ

ଛେଣ୍ଡିପଦା,୪।୯(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବାରୁ ୧୦ଦିନ ହେବ ୩୦ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ଗ୍ରାମବାସୀ ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରିବା ସହିତ ତୁରନ୍ତ ସେବା ଯୋଗାଇ ନ ଦେଲେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣାରୁ ପ୍ରକାଶ, ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମ ମନ୍ଦିର ଛକ ଦେଇ ଜାମ୍ବୁସାହିକୁ ଉଚ୍ଚ କ୍ଷମତା ସମ୍ପନ୍ନ ୧୧ କେ.ଭି ବିଦ୍ୟୁତ୍ ଯାଇଥିବାବେଳେ ବ୍ରାହ୍ମଣବିଲ ମନ୍ଦିର ପାର୍ଶ୍ୱରେ ଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଏ ନେଇ ସ୍ଥାନୀୟ ଜମ୍ବୁସାହିର ଗ୍ରାମବାସୀ କୋଶଳା ବିଦ୍ୟୁତ୍ ବିଭାଗକୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଗ୍ରାମରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାର ବିଦ୍ୟୁତ୍ ନ ପାଇ ହଇରାଣ ହେଉଛନ୍ତି। ଏପରିକି ପିଲାଙ୍କ ପାଠପଢିବାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇ ନ ଦେଲେ କୋଶଳା କାର୍ଯ୍ୟାଳୟ ବନ୍ଦ କରିବା ସହିତ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବଦଳିଲେ ୪ ବ୍ଲକ କଂଗ୍ରେସ ସଭାପତି

ଢେଙ୍କାନାଳ,୪।୯(ରତନ ନାୟାର)

ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସୋମବାର ଢେଙ୍କାନାଳ ଜିଲାର ୪ଟି ବ୍ଲକରେ କଂଗ୍ରେସ ସଭାପତିଙ୍କୁ ବଦଳାଯାଇ ନୂତନ ସଭାପତି ନିଯୁକ୍ତ କରାଯାଇଛି। ଢେଙ୍କାନାଳ ସଦର ବ୍ଲକ କଂଗ୍ରେସର ନୂଆ ସଭାପତି ଭାବେ ଅଖିଳ ମୋହନ ଖୁଣ୍ଟିଆଙ୍କୁ ନିଯୁକ୍ତ କରାଯାଇଥିବା ବେଳେ କାମାକ୍ଷାନଗର ବ୍ଲକ୍ ପାଇଁ ପ୍ରତାପ ଚନ୍ଦ୍ର ସାହୁ, ଓଡାପଡା ବ୍ଲକ ପାଇଁ ପ୍ରମୋଦ କୁମାର ନାୟକ ଓ ପରଜଙ୍ଗ ବ୍ଲକରେ ବିଜୟ କୁମାର ରାଉତରାୟଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା କଂଗ୍ରେସ ମୁଖପାତ୍ର ପ୍ରେମଶଙ୍କର ମିଶ୍ର ଏକ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲା ଭାଜପା



ଭାଜପା ପକ୍ଷରୁ ଆମ୍ବସରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ବଇଣ୍ଡା,୪।୯(ପରିକ୍ଷିତ ସାହୁ)

ରାଜ୍ୟ ସରକାର ଏବେ ଅନେକ ଦୁର୍ନୀତିରେ ବୁଡି ରହିଛନ୍ତି। ଏହାର ପ୍ରତିବାଦରେ ସୋମବାର ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟକୁ ଭାଜପା ପକ୍ଷରୁ ଘେରାଉ କରାଯାଇଛି। ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ମଣ୍ଡଳ ସଭାପତି ଗଗନବିହାରୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ପୂର୍ବତନ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଆଠମଲ୍ଲିକର ସଂଯୋଜକ ଅଲେଖ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ଅର୍ଜୁନ ପାଣ୍ଡେ, ସରୋଜ ସାହୁ, ସଞ୍ଜୀବ ପାତ୍ର, ବିଡିଓ ନାୟକଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।

# ଚୋରାମଦ କାରବାର ବୃଦ୍ଧି

ଢେଙ୍କାନାଳ,୪।୯(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ବୋରାପଦା ଅଞ୍ଚଳରେ ଚୋରା ମଦ ଓ ବ୍ରାଉନସୁଗାର କାରବାର ବୃଦ୍ଧି ପାଉଛି। ବିଶେଷକରି ଅଞ୍ଚଳର କଲୋନି ସାହିରେ ଚୋରାମଦ କାରବାର ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଚୋରା ବ୍ରାଉନସୁଗାର ଯୋଗୁ ଯୁବକମାନେ ପଥଭ୍ରଷ୍ଟ ହେଉଥିବା ବେଳେ ସନ୍ଧ୍ୟାରୁ ରାତି ୯ଟା ପର୍ଯ୍ୟନ୍ତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଫଳରେ ରାସ୍ତାରେ ଯିବା ଆସିବା ନିରାପଦ ହେଉନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଟାଉନ ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ କଡାକଡି ଯାଞ୍ଚ ସହିତ ଚୋରା ମଦ କାରବାର ଓ ବ୍ରାଉନସୁଗାର କାରବାର ରୋକାଗଲେ ଜନସାଧାରଣରେ ଶାନ୍ତିରେ ଚଳପ୍ରଚଳ କରିପାରନ୍ତେ ବୋଲି ଅଞ୍ଚଳବାସୀ କହିଛନ୍ତି।

# କୋଇଲା ପରିବହନ ପାଇଁ ଓଭରବ୍ରିଜ୍ ହେଉ

ତାଳଚେର,୪।୯(ମନୋଜ ନନ୍ଦ)

ତାଳଚେର ଗୋଡିବନ୍ଧଠାରୁ ବଅଁରପାଳ ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥ ୧୪୯କୁ ୪ ଲେନ୍ କରିବା ଓ ବାଙ୍କଧରାଠାରୁ ବଲ୍ଲର ଛକ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ତାଳଚେର ସଡ଼କ ସୁରକ୍ଷା ପରିଷଦ ପକ୍ଷରୁ ସୋମବାର ଅନୁଗୋଳ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ତାଳଚେରରୁ କୋଇଲା ପରିବହନ ଦ୍ୱାରା ସରକାର ସହସ୍ରାଧିକ କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି। କିନ୍ତୁ ବାଙ୍କଧରା ଠାରୁ ବଅଁରପାଳ ପର୍ଯ୍ୟନ୍ତ ୧୪୯ ନଂ. ଜାତୀୟ ରାଜପଥରେ ଦୈନିକ ୧୦ ହଜାରରୁ ଅଧିକ କୋଇଲା ବୋଝେଇ ଟ୍ରକ୍ ଚଳପ୍ରଚଳ କରୁଥିଲେ ବି ଏହି ଅଣଓସାରିଆ ରାସ୍ତାକୁ ୪ ଲେନ୍ କରାଯାଉ ନାହିଁ। ଫଳରେ ଦୁର୍ଘଟଣା ଘଟି ଦୈନିକ ଜୀବନହାନି ଘଟୁଛି। ଏଥିସହ ଏହି ରାସ୍ତାରେ ପ୍ରଦୂଷଣ ବଢୁଛି। ତେଣୁ କୋଇଲା ପରିବହନ ପାଇଁ ଓଭରବ୍ରିଜ୍ ସହ ୧୪୯ନଂ. ରାଜପଥକୁ ୪ ଲେନ୍ କରାଯାଉ ବୋଲି ପୂର୍ବତନ ନଗରପାଳ କେଶବ ଭୂତିଆ, ସଂଗ୍ରାମ କେଶରୀ କୁଅଁର, ନଖିଆ ସାହୁ, ଅଭୟ ପାଣି, ଶୋଭାଗିନୀ ଦାସ, ପ୍ରଫୁଲ୍ଲ ନାଏକ, ସୁକାନ୍ତ କୁମାର ଦାସ, ସଞ୍ଜୀବ ନାଏକ, ପଦ୍ମନାଭ ସାହୁ, ସନ୍ତୋଷ ଗୋଚ୍ଛାୟତ ପ୍ରମୁଖ ଦାବି କରିଛନ୍ତି।




ଅଭିଯୋଗ କରିବାକୁ ଆସିଥିବା ତାଳଚେର ସଡ଼କ ସୁରକ୍ଷା ପରିଷଦର କର୍ମକର୍ତ୍ତାମାନେ।

# ୧୪୯ ଓ ୫୩ ନଂ. ରାଜପଥ ସମ୍ପ୍ରସାରଣ କରାଯାଉ

ତାଳଚେର,୪।୯(ମନୋଜ ନନ୍ଦ)

ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଞ୍ଚାୟତ ସମିତି ସଭାଘର ଠାରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିରରେ ତାଳଚେର ଜନ ବିକାଶ କଲ୍ୟାଣ ସଂଘ ପକ୍ଷରୁ ଏକ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ତାଳଚେର ଉପଖଣ୍ଡ ଦେଇ କୋଇଲା ସହ ଅନ୍ୟାନ୍ୟ ମାଲ ପରିବହନ କରୁଥିବା ଭାରିଯାନ ସଂଖ୍ୟା ବୃଦ୍ଧି ପାଇଛି। ଫଳରେ ୧୪୯ ଓ ୫୩ ନଂ. ଜାତୀୟ ରାଜପଥରେ ଯାତାୟାତ ବେଳେ ଲୋକଙ୍କ ମନରେ ଦୁର୍ଘଟଣା ଆଶଙ୍କା ବଢ଼ିବାରେ ଲାଗିଛି। ତେଣୁ ତାଳଚେର ମଧ୍ୟ ଦେଇ ଯାଇଥିବା ଏହି ଜାତୀୟ ରାଜପଥର ପ୍ରଶସ୍ତୀକରଣ କରାଯାଉ। ସର୍ବସାଧାରଣଙ୍କ ଗମନାଗମନ ସୁଗମ କରିବା ନିମନ୍ତେ କେନାଲ ରାସ୍ତାକୁ ଆବଶ୍ୟକ ନିରାପଦ ଶୈଳୀରେ ସମ୍ପୂର୍ଣ୍ଣ କରାଯାଉ। ସଡ଼କ ସୁରକ୍ଷା ହେଲ୍ପ ଲାଇନ ନମ୍ବର, ଟ୍ରାଫିକ କଣ୍ଟ୍ରୋଲ ରୁମ ବ୍ୟବସ୍ଥା ସହିତ ଦୁର୍ଘଟଣା ପ୍ରବଣ ସ୍ଥାନ ନିରୂପଣ କରି ସତର୍କତା ସୂଚନା ଦିଆଯିବା ଏବଂ ଟ୍ରାଫିକ ପୋଲିସ ମୁତୟନ କରାଯାଉ। ସେହିପରି ତାଳଚେର ବିଧାୟକଙ୍କ ଅଫିସ ସମ୍ମୁଖରୁ ଅଫୁଟା ବୋମା ଜବତ ହେବା ପରେ ଏଠାରେ ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିବାରୁ ଏହି ବୋମା ରହସ୍ୟକୁ ଗଣେଶ ପୂଜା ପୂର୍ବରୁ ଉନ୍ମୋଚନ କରି ପୋଲିସ ଜନସାଧାରଣଙ୍କୁ ଆଶ୍ୱସ୍ତ କରୁ। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଭୂପେନ ଥମ୍ବ, ସମ୍ପାଦକ ଦ୍ରୁମଦ ପ୍ରଧାନ, ଜିତେନ୍ଦ୍ର ମହାପାତ୍ର, ସରୋଜ ଧର, ଘଣ୍ଟପଡ଼ା ସରପଞ୍ଚ ସସ୍ମିତା ବିଶ୍ୱାଳ, ସମିତି ସଭ୍ୟ କରୁଣାକର ସାହୁ, ପ୍ରାକ୍ତନ କାଉନସିଲର ଜ୍ୟୋତି ରଞ୍ଜନ ଦାସ, ପ୍ରକାଶ ସାହୁ, ପୁଷ୍ପକ ସ୍ୱାଇଁ, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ଦାଶରଥି ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ତାଳଚେର ଜନ ବିକାଶ କଲ୍ୟାଣ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

